# ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧

ଇ-ମେଲ୍ : dhenkanalm.hud@gmail.com

ପତ୍ର ସଂଖ୍ୟା- 5142 ତା 26/12/2023 ରିଖ

## ଅଭିବ୍ୟକ୍ତି ପ୍ରକାଶନ *(EXPRESSION OF INTEREST)*

ଏତଦ୍ଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ୨୩ ଗୋଟି ୱାର୍ଡର ମିଶନ ଶକ୍ତି ଗ୍ରୁପ୍/ବସ୍ତି ବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ପୁରୁଣା ବର୍ଜ୍ୟବସ୍ତୁ **(Legacy Waste)** ପରିଚାଳନା ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା **(Implementing Agency/Implementing Partner)** ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗ୍ରୁପ୍/ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ, ଏଥି ନିମନ୍ତେ ଆଗ୍ରହୀ ଏବଂ ଯୋଗ୍ୟ ମିଶନ ଶକ୍ତି ଗ୍ରୁପ୍/ବସ୍ତି ବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି **(Rag pickers)** ମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା ୦୬.୦୧.୨୦୨୪ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଅଭିବ୍ୟକ୍ତି ପ୍ରକାଶନଟି ତା ୦୬.୦୧.୨୦୨୪ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗ୍ରୁପ୍/ବସ୍ତି ବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି **(Rag pickers)** କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗ୍ରୁପ୍/ବସ୍ତି ବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି **(Rag pickers)** ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ଢେଙ୍କାନାଳ ଜିଲ୍ଲା ୱେବସାଇଟ **www.dhenkanal.nic.in** ଏବଂ ଢେଙ୍କାନାଳ ପୌରପାଳିକା ୱେବସାଇଟ **www.dhenkanalmunicipality.com** ରୁ ମଧ୍ୟ ଡ଼ାଉନଲୋଡ୍ କରିପାରିବେ । ଲଫାପା ର ଉପରେ **"ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ (Legacy Waste)"** କାର୍ଯ୍ୟର ଆବେଦନ ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ହେବେ ।

**ବି.ଦ୍ର.- ଯେ କୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି EXPRESSION OF INTEREST କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି ।**

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ପରିପତ୍ର ସଂଖ୍ୟା 5143 /ତା 26/12/2023 ରିଖ

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ଢେଙ୍କାନାଳଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ମିଶନଶକ୍ତି ଗୋଷ୍ଠୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ରିପତ୍ର ସଂଖ୍ୟା ...5144.../ତା 26/12/2023ରିଖ

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସି.ଏମ.ଏମ/ ଗୋଷ୍ଠୀ ସଙ୍ଗଠିକା ଢେଙ୍କାନାଳ ପୌରପାଳିକାଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନଟି ଉପରୋକ୍ତ ୱାର୍ଡର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରମାଣିତ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକକିତା ନକଲ ଅଫିସ ନୋଟିସ୍ ବୋର୍ଡରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ପରିପତ୍ର ସଂଖ୍ୟା ...5145.../ତା 26/12/2023ରିଖ

ଏହାର ଏକକିତା ନକଲ DIO NIC ଢେଙ୍କାନାଳଙ୍କୁ ଜିଲ୍ଲା ୱେବସାଇଟରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ପରିପତ୍ର ସଂଖ୍ୟା ...5146.../ତା 26/12/2023ରିଖ

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଏବଂ ପ୍ରକଳ୍ପ ଅଧିକାରୀ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ପି.ଡ଼ି.ଡୁଡ଼ା) ଢେଙ୍କାନାଳଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ପରିପତ୍ର ସଂଖ୍ୟା ...5147.../ତା 26/12/2023ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ-ତଥା-ଜିଲ୍ଲା ମାଜିଷ୍ଟ୍ରେଟ୍ ଢେଙ୍କାନାଳଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଜ୍ଞାପକ ସଂଖ୍ୟା...5148...ତା 26/12/2023ରିଖ

ଏହାର ଏକକିତା ନକଲ ଡେ଼ପୁଟି ସେକ୍ରେଟାରୀ ସୂଚନା ଏବଂ ଜନସମ୍ପର୍କ ବିଭାଗ, ଓଡ଼ିଶା ଭୁବନେଶ୍ୱରଙ୍କୁ ଦିଆଯାଇ ଅନୁରୋଧ କରାଗଲାକି ଯେ, ଉକ୍ତ ବିଜ୍ଞାପନଟିକୁ ତାଙ୍କର ସିମୀତ ସ୍ଥାନ ମଧ୍ୟରେ ତା ୨୭.୧୨.୨୦୨୩ ରିଖ ମଧ୍ୟରେ ଦୁଇଗୋଟି ଓଡ଼ିଆ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଥର ପାଇଁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

## ମିଶନ ଶକ୍ତି ଗ୍ରୁପ୍/ବସ୍ତି ବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag pickers) ମାନଙ୍କ ଯୋଗ୍ୟତା

### ପରିମାପକ ମାନଦଣ୍ଡ

୧. ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନ ଢ଼େଙ୍କାନାଳ ପୌରପରିଷଦ ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ହୋଇଥିବେ ।

୨. ପଞ୍ଚସୂତ୍ର ନିୟମକୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବର, ନିୟମିତ ପରିଶୋଧ/ନିୟମିତ ହିସାବ ରଖିବା ଇତ୍ୟାଦି) ।

୩. ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନର ପରମାନେଣ୍ଟ ଆକାଉଣ୍ଟ (ପାନ ନମ୍ବର) ଥିବ ।

୪. ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନର ସକ୍ରିୟ ଜମାଖାତା ଥିବ ।

୫. କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ.ପି.ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବେ ।

୬. ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭. ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନର ପଞ୍ଜୀକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

୮. କୌଣସି ଅପରାଧୀ କାର୍ଯ୍ୟରେ ସମ୍ପୃକ୍ତ ନଥିବେ ।

୯. ସେମାନେ ନିଶ୍ଚିତ ଭାବରେ ସର୍ବନିମ୍ନ ଏକ ବର୍ଷର କାର୍ଯ୍ୟର ସମାନ ପ୍ରକୃତି କରିଥିବେ ।

### ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜାତ

- ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନ ଗଠନ ରିଜୋଲ୍ୟୁସନର ଫଟୋକପି ।
- ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନ ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଓ ଶେଷ ପୃଷ୍ଠା) ।
- ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନଙ୍କ ବିଗତ ୦୬ ମାସର ରିଜୋଲ୍ୟୁସନର ଫଟୋକପି ।
- ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନଙ୍କ ଶେଷ ୦୨ ବର୍ଷର ବ୍ୟାଙ୍କ ଷ୍ଟେଟମେଣ୍ଟ ଫଟୋକପି ।
- ମିଶନ ଶକ୍ତି ସ୍ୱୟଂ ସହାୟକ/ବସ୍ତି ବାସିନ୍ଦା ସଂଗଠନ କ୍ୟାଶବୁକର ଫଟୋକପି ।
- ସଭାପତି ଓ ସମ୍ପାଦିକାଙ୍କ ID (ଆଧାର) ନକଲ ।
- ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣପତ୍ର ।
- ଘୋଷଣାପତ୍ର ରେ ଦସ୍ତଖତ କରି ଦାଖଲ ।

ନିର୍ବାହୀ ଅଧିକାରୀ
ଢ଼େଙ୍କାନାଳ ପୌରପାଳିକା